## ସଂକ୍ଷେପରେ

### ଜାତୀୟ ଭାରୋତ୍ତୋଳନ ଚାମ୍ପିୟନ୍‌ଶିପ୍‌ରେ ଓଡ଼ିଶାକୁ ୨ ପଦକ




**ବ୍ରହ୍ମପୁର ଅଫିସ,୧୯।୧୨:** ନାଗପୁରରେ ୫୫ତମ କନିଷ୍ଠ ପୁରୁଷ ଏବଂ ୩୧ତମ କନିଷ୍ଠ ମହିଳା ଭାରୋତ୍ତୋଳନ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ତରଫରୁ ଖେଳିଥିବା ଦୁଇଜଣ ଖେଳାଳି ପଦକ ହାସଲ କରିଛନ୍ତି। ଭକ୍ତରାମ ଦେହୁରି ୪୯କିଲୋ ଓଜନ ବର୍ଗରେ ଭାଗ ନେଇଥିଲେ। ସେ ସ୍ନାଚ୍‌ରେ ୮୩କିଲୋ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୦୪କିଲୋ ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେହିଭଳି ରଘୁନାଥ ଖିଲ ୬୧କିଲୋ ଓଜନ ବର୍ଗରେ ଭାଗ ନେଇଥିଲେ ।
ସେ ସ୍ନାଚ୍‌ରେ ୯୭କିଲୋ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୨୧କିଲୋ ଓଜନ ଉଠାଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ରାଜ୍ୟ ଭାରୋତ୍ତୋଳନ ସଂଘ ସମ୍ପାଦକ ନାରାୟଣ ସାହୁ ଏବଂ ରମେଶ ଚନ୍ଦ୍ର ପାଢ଼ୀ ବିଚାରକ ଭାବେ ଥିଲେ ।

### ପିଣ୍ଟୁଙ୍କ ନାଁରେ ଯୋଡ଼ିହେଲା ଆଉ ଏକ ମାମଲା

**ବ୍ରହ୍ମପୁର ଅଫିସ୍,୧୯।୧୨:** ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର୍ ଶିବଶଙ୍କର ଦାସ ଓରଫ୍ ପିଣ୍ଟୁଙ୍କ ବିରୋଧରେ ବୁଧବାର ଆଉ ଏକ ମାମଲା ଯୋଡ଼ି ହୋଇଛି ।
ଏକ ମାମଲାରେ ସାକ୍ଷୀ ଥିବା ବିଲଡର୍ ଲଳିତ ମଙ୍ଗରାଜ ଓରଫ୍ ଲୁଲୁଙ୍କୁ ପିଣ୍ଟୁ ଏବଂ ତାଙ୍କ ବାପା ଖଲି ଦାସଙ୍କ ଇଙ୍ଗିତରେ ୧୦ ଜଣ ଆକ୍ରମଣ କରିଥିବା ନେଇ ସେ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପ୍ରକାରେ ନଂ. ୧୫୦/୧୮ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି କୁଳମଣି ସେଠୀ କହିଛନ୍ତି । ପ୍ରକାଶ ଯେ, ଲୁଲୁ ୧୬ ତାରିଖରେ ଚଣ୍ଡୀ ମନ୍ଦିର ରାସ୍ତାରେ ଯାଉଥିବା ବେଳେ ତାଙ୍କୁ ୧୦ ଜଣ ଆକ୍ରମଣ କରିବା ସହିତ ଧମକ ଦେଇଥିଲେ। ଆହତ ଲୁଲୁ ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଥିଲେ। ଆକ୍ରମଣକାରୀମାନେ ପିଣ୍ଟୁଙ୍କ ନିକଟତର ବୋଲି ସେ ଦର୍ଶାଇଛନ୍ତି। ସେହିପରି ବିପକ୍ଷ ଗୋଷ୍ଠୀ ପକ୍ଷରୁ କୌତକୀନଗର ଅଞ୍ଚଳର ସୁଲୋଚନା ସାମନ୍ତରା ବୁଧବାର ଥାନାରେ ପାଲଟା ଏତଲା ଦେଇଛନ୍ତି। ଲୁଲୁ ଏବଂ ତାଙ୍କର ୧୩ ସହଯୋଗୀ ଗତ ୬ ତାରିଖ ଏବଂ ୧୬ ତାରିଖ ସନ୍ଧ୍ୟାରେ ଘରକୁ ଆସି ଧମକ ଦେବା ସହିତ ମାରପିଟ୍ କରିଥିଲେ ବୋଲି ସୁଲୋଚନା ଏତଲାରେ ଦର୍ଶାଇଛନ୍ତି । ଏ ନେଇ ନଂ.୧୫୧/୧୮ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି ସୂଚନା ଦେଇଛନ୍ତି ।

## ■ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ: ଛାତ୍ରଙ୍କୁ ର୍‍ୟାଗିଂ ଘଟଣା

# ପାଲଟା ଅଭିଯୋଗ ଆଣିଲେ ୪ ହଷ୍ଟେଲ ଅନ୍ତେବାସୀ

**ବ୍ରହ୍ମପୁର ଅଫିସ,୧୯।୧୨**

■ କୁଳସଚିବଙ୍କୁ ଦେଲେ ଅଭିଯୋଗପତ୍ର
■ ପ୍ରାଥମିକ ତଦନ୍ତରେ ସିସିଟିଭି ଫୁଟେଜ ଯାଞ୍ଚ, ମିଳିଲାନି ତଥ୍ୟ
■ ଅଭିଯୋଗକାରୀ ଛାତ୍ରଙ୍କୁ ଜେରା କଲା ତଦନ୍ତ କମିଟି

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବଂଶଧରା ଛାତ୍ରାବାସରେ ଗତ ୧୨ ତାରିଖରେ ଜଣେ ଜୁନିୟର ଛାତ୍ରଙ୍କୁ ର୍‍ୟାଗିଂ ହୋଇଥିବା ଅଭିଯୋଗ ଘଟଣା ବୁଧବାର ଏକ ଭିନ୍ନ ମୋଡ ନେଇଛି । ଏକପାର୍ଶ୍ୱରେ ବିଶ୍ୱବିଦ୍ୟାଳୟର ଆଣ୍ଟି ର୍‍ୟାଗିଂ କମିଟି ପକ୍ଷରୁ ଏନେଇ ତଦନ୍ତ ଆରମ୍ଭ ହୋଇଥିବା ବେଳେ ବୁଧବାର ବଂଶଧରା ହଷ୍ଟେଲ ସମେତ ଅନ୍ୟ ୪ ବାଳକ ହଷ୍ଟେଲର ଛାତ୍ରମାନେ ଅଭିଯୋଗକାରୀ ତଥା ର୍‍ୟାଗିଂର ଶିକାର ହୋଇଥବା ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗ ଛାତ୍ର ଲକ୍ଷ୍ମୀକାନ୍ତ ମହାନ୍ତି ଓ ତାଙ୍କ ବନ୍ଧୁ ଦୀନେଶ ମିଶାଲଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ର୍‍ୟାଗିଂର ଶିକାର ହୋଇଥିବା ନେଇ ଅଭିଯୋଗ କରିଥିବା ଛାତ୍ର ଲକ୍ଷ୍ମୀକାନ୍ତ ଓ ତାଙ୍କ ସାଙ୍ଗ ଦୀନେଶ ଗତ ମଧ୍ୟରାତ୍ରିରେ ଅନ୍ତେବାସୀମାନଙ୍କ କବାଟ ବାଡେଇବା ସହ ମାରଣାସ୍ତ୍ର ଦେଖାଇ ଧମକ ଦେଇଥିବା ଓ ନିଶାଶକ୍ତ ଅବସ୍ଥାରେ ଛାତ୍ରବାସର ବିଭିନ୍ନ ସାମଗ୍ରୀକୁ ଭଙ୍ଗାରୁଜା କରୁଥିବା ନେଇ ନେଇ ଋଷିକୁଲ୍ୟା ଛାତ୍ରାବାସ ଓ ଅନ୍ୟ ଛାତ୍ରାବାସର ଅନ୍ତେବାସୀମାନେ



ଅନ୍ତେବାସୀମାନେ ଭାରପ୍ରାପ୍ତ କୁଳସଚିବଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଏହି ଲିଖିତ ଅଭିଯୋଗ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ପ୍ରଫେସର ବିଭୂତି ଭୂଷଣ ମହାପାତ୍ରଙ୍କୁ ଅନ୍ତେବାସୀମାନେ ପ୍ରଦାନ କରିଥିବା ସୂଚନା ମିଳିଛି । ଗତ ମଧ୍ୟରାତ୍ରିରେ ଋଷିକୁଲ୍ୟା ହଷ୍ଟେଲ ସମ୍ପାଦକ ରଘୁନାରାୟଣ ସାହୁ ସେମାନଙ୍କ ଆକ୍ରୋଶର ଶିକାର ହୋଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏହି ଦୁଇ ଛାତ୍ର ନିଶାସକ୍ତ ଅବସ୍ଥାରେ ଆସିବା ସହ ତାଙ୍କର କିଛି ଅଣଛାତ୍ରଙ୍କୁ ଆଣି ଛାତ୍ରାବାସରେ ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି କରୁଥିବା ନେଇ ମଧ୍ୟ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଗତ ୧୨ରେ ର୍‍ୟାଗିଂର ଶିକାର ହୋଇଥିବା ନେଇ ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗ ଛାତ୍ର ଲକ୍ଷ୍ମୀକାନ୍ତ ମହାନ୍ତିଙ୍କ ଅଭିଯୋଗପତ୍ର ପ୍ରକାରେ ବିଶ୍ୱବିଦ୍ୟାଳୟ ଆଣ୍ଟି ର୍‍ୟାଗିଂ କମିଟି ତଦନ୍ତ ଆରମ୍ଭ କରିଛି । ତେବେ ପ୍ରାଥମିକ ପର୍ଯ୍ୟାୟରେ ହଷ୍ଟେଲ ପରିସରରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିବା ଜଣାପଡିଛି । ବୁଧବାର ତଦନ୍ତ କମିଟି ଅଭିଯୋଗକାରୀ ତଥା ର୍‍ୟାଗିଂର ଶିକାର ହୋଇଥିବା ଛାତ୍ରଙ୍କୁ ଡକାଇ ସିସି ଟିଭି ଫୁଟେଜ ଦେଖାଇବା ସହ ଜେରା କରିଛି । ତେବେ ସିସିଟିଭି ଫୁଟେଜରୁ ର୍‍ୟାଗିଂ କରାଯାଇଥିବା ନେଇ କୌଣସି ପ୍ରମାଣ ମିଳି ନ ଥିବା ସୂଚନା ମିଳିଛି । ତେବେ ଏସମ୍ପର୍କରେ ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ କହିବାନୁଯାୟୀ, ତଦନ୍ତ କମିଟି ଅଧିକ ଦୁଇରୁ ତିନି ଦିନ ସମୟ ମାଗିଥିବା ବେଳେ ଶୁକ୍ରବାର ଉଭୟ ଗୋଷ୍ଠୀଙ୍କୁ ଡକାଯାଇ ସମାଧାନର ବାଟ ପାଇଁ ଆଲୋଚନା କରାଯିବ । ତଥାପି ସମାଧାନର ରାସ୍ତା ନ ବହାରିଲେ ଅଭିଯୋଗ ଆସିଥିବା ୮ ଛାତ୍ରଙ୍କ ପରିବାରଙ୍କୁ ଡାକି ଆଲୋଚନା କରାଯିବ । ଆଲୋଚନା ପରେ ଯଦି ଆବଶ୍ୟକ ପଡେ ତେବେ ସେମାନଙ୍କୁ ହଷ୍ଟେଲରୁ ବହିଷ୍କାର କରାଯିବା ନେଇ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପଟ୍ଟନାୟକ କହିଛନ୍ତି ।

# ସେକ୍ସ ର୍‍ୟାକେଟ୍ ଠାବ, ୩ ଗିରଫ

**ବ୍ରହ୍ମପୁର ଅଫିସ୍,୧୯।୧୨**

ଗଞ୍ଜାମ ଜିଲା ବ୍ରହ୍ମପୁର ଗୋଷାଣୀନୂଆଗାଁ ପୋଲିସ ଅନ୍ନପୂର୍ଣ୍ଣାନଗର ଅଞ୍ଚଳର ଏକ ଭଡାଘରେ ଚାଲିଥିବା ସେକ୍ସ ର୍‍ୟାକେଟ୍ ମଙ୍ଗଳବାର ଠାବ କରିଛି । ଚଢାଉ ବଳେ ଜଣେ ବିବାହିତ ମହିଳାଙ୍କ ସମେତ ଅନ୍ୟ ଜଣେ ଯୁବତୀ ଏବଂ ଜଣେ ଗ୍ରାହକଙ୍କୁ ଆପତ୍ତିଜନକ ସ୍ଥିତିରେ ଉଦ୍ଧାର କରିଛି। ବୁଧବାର ସେମାନଙ୍କ ଡାକ୍ତରୀମାଇନା କରାଯିବା ପରେ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି । ଗିରଫମାନେ ହେଲେ ପୁରୀ ଅଞ୍ଚଳର ଜଣେ ମହିଳା, ଯୁବତୀ ହେଲେ କଟକ ଅଞ୍ଚଳର ଏବଂ ବ୍ୟକ୍ତି ଜଣକ ହେଲେ ପୁରୁଣା ବ୍ରହ୍ମପୁର ଅଞ୍ଚଳର ଭଗବାନ ପାଢ଼ୀ । ସେମାନଙ୍କ ନିକଟରୁ ନଗଦ ୨ ହଜାର ଟଙ୍କା ସମେତ ବହୁ ଆପତ୍ତିଜନକ ସାମଗ୍ରୀ ପୋଲିସ ଜବତ କରିଛି । ପ୍ରକାଶଯେ, ଅନ୍ନପୂର୍ଣ୍ଣାନଗରର ଏକ ଭଡାଘରେ ସେକ୍ସ ର୍‍ୟାକେଟ୍ ଚାଲିଥିବା





ଗିରଫ ରାଣୀ ମହୁମାଛି, ଦେହଜୀବୀ, ଗ୍ରାହକ ଭଗବାନ ପାଢ଼ୀ ।

**ମୁଖ୍ୟ ଅଭିଯୁକ୍ତ ଫେରାର**

ନେଇ ପୋଲିସ ଖବର ପାଇଥିଲା । ସେଠାରେ ମଙ୍ଗଳବାର ଅପରାହ୍ନରେ ଅଚାନକ ଚଢାଉ କରାଯାଇଥିଲା । ଦେହ ବ୍ୟବସାୟ ଚଳାଉଥିବା ବ୍ୟକ୍ତି ଜଣକ ସେଠାରୁ ଫେରାର ହୋଇଯାଇଥିବା ବେଳେ ଘର ମାଲିକଙ୍କୁ ଡାକି ପୋଲିସ ପଚରା ଉଚୁରା କରି ତଥ୍ୟ ହାସଲ କରିବ ବୋଲି ଜଣାଯାଇଛି। ଏ ନେଇ ଗୋଷାଣୀନୂଆଗାଁ ପୋଲିସ ନଂ. ୧୫୨/୧୮ରେ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି କୁଳମଣି ସେଠୀ ସୂଚନା ଦେଇଛନ୍ତି ।

# ବିଷକ୍ରିୟାରେ ୨ ମୃତ

**ବ୍ରହ୍ମପୁର ଅଫିସ,୧୯।୧୨**

ପୃଥକ ସ୍ଥାନରେ ବିଷ ପିଇ ଗୁରୁତର ହୋଇଥିବା ୨ ଜଣଙ୍କର ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ଘଟିଛି। ସେମାନେ ହେଲେ ରମ୍ଭା ଥାନା ହୁମ୍ମା ନୀଳାଦ୍ରିପୁର ଅଞ୍ଚଳର ଚାଷୀ ଜଗନ୍ନାଥ ବେହେରା (୬୨) ଓ ଦିଗପହଣ୍ଡି ଥାନା ମହୁଡା ଅଞ୍ଚଳର ପାଣ ଦାସ (୫୪) । ଏ ନେଇ ବୈଦ୍ୟନାଥପୁର ଥାନାରେ ଦୁଇଟି ଅପମୃତ୍ୟୁ ମାମଲା (୬୨୫, ୬୨୪/୧୮) ରୁଜୁ କରାଯାଇଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି । ମୃତଦେହ ଦୁଇଟି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରକାଶ ଯେ, ନୀଳାଦ୍ରିପୁର ଅଞ୍ଚଳର ଜଗନ୍ନାଥ ମଙ୍ଗଳବାର ଅପରାହ୍ନରେ କୌଣସି କାରଣରୁ ଘରେଥିବା କୀଟନାଶକ ପିଇ ଦେଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଥିଲା । ସେହିପରି ଗତ ୯ ତାରିଖରେ ମହୁଡାର ପାଣ ଦାସ କୌଣସି କାରଣରୁ ବିଷ ପିଇ ବ୍ରହ୍ମପୁର ବଡମେଡିକାଲରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ■ ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ ଟୁର୍ନାମେଣ୍ଟ

# ୧୬ ଜଣିଆ ଦଳର ଦରଭଙ୍ଗା ଗସ୍ତ

**ବ୍ରହ୍ମପୁର ଅଫିସ,୧୯।୧୨**

ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ ଦରଭଙ୍ଗା ଏଲଏନ ମିଥିଳା ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୧୬ ଜଣିଆ ଦଳ ବୁଧବାର ଦରଭଙ୍ଗା ଗସ୍ତ କରିଛନ୍ତି । ମ୍ୟାନେଜର ତଥା କୋଚ ଭାବେ ଖୁନ୍ଦ୍ରା ବିଜୁ ପଟ୍ଟନାୟକ କଲେଜର ପିଇଟି ସୁଧାଂଶୁ କୁମାର ପଣ୍ଡା ଏବଂ କିଟମ୍ୟାନ ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପିଅନ ଇଷା ପଣ୍ଡା ଉକ୍ତ ଦଳ ସହ ଯାତ୍ରା କରିଛନ୍ତି। ପ୍ରଣବ କୁମାର ପଟ୍ଟନାୟକ, ଆରତୀ ପଟ୍ଟନାୟକ, ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ସହ ସମ୍ପାଦକ ରାଜେଶ କୁମାର ମହାନ୍ତି, ସ୍ପୋଟସ ଅଫିସର ରବି ଚରଣ ମିଶ୍ର, ଏସ. କ୍ରିଷ୍ଣ ରେଡ୍ଡୀ ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



→ ଗଜେନ୍ଦ୍ର



→ ପ୍ରଶାନ୍ତ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com
(ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଦିଗପହଣ୍ଡିରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ବାର୍ଷିକ ସମ୍ମିଳନୀ ୩୦ରେ

**ବ୍ରହ୍ମପୁର ଅଫିସ,୧୯।୧୨**

ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୪୭ତମ ବାର୍ଷିକ ଅଧିବେଶନ ଗଞ୍ଜାମ ଜିଲା ଦିଗପହଣ୍ଡିରେ ଡିସେମ୍ବର ୩୦ରେ ଅନୁଷ୍ଠିତ ହେବ । ସେଠାର ଅଦାଲତ ପରିସରରେ ହେବାକୁ ଥିବା ସମ୍ମିଳନୀରେ ରାଜ୍ୟର ୧୬୦ରୁ ଊର୍ଦ୍ଧ୍ୱ ବାର୍ ଆସୋସିଏଶନର ହଜାରେରୁ ଅଧିକ କର୍ମକର୍ତ୍ତା ଏବଂ ସଦସ୍ୟା ଓ ସଦସ୍ୟମାନେ ଯୋଗ ଦେବେ । ଖେମୁଣ୍ଡି ଓକିଲ ସଂଘ ଆନୁକୂଲ୍ୟରେ ରାଜ୍ୟ ସଂଘର ଏହି କାର୍ଯ୍ୟକ୍ରମରେ କେତେଜଣ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି, ମନ୍ତ୍ରୀ ଓ ଅନ୍ୟମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଛି । ପ୍ରଚଳିତ ବିଚାର ବ୍ୟବସ୍ଥା ପ୍ରକ୍ରିୟାରେ ସଂସ୍କାର ଏବଂ ଆଇନଜୀବୀମାନଙ୍କ ସ୍ୱାର୍ଥ ଓ ଜନସ୍ୱାର୍ଥ ସମ୍ବଳିତ ବୌଦ୍ଧିକ ଆଲୋଚନାଚକ୍ରରେ ଅତିଥିଙ୍କ ସହ ଓଡ଼ିଶାର ବରିଷ୍ଠ ଆଇନଜୀବୀମାନେ ଅଂଶଗ୍ରହଣ କରିବେ ।
ଅଲ ଓଡ଼ିଶା ଲୟର୍ସ ଆସୋସିଏଶନ (ଏଓଏଲଏ) ପକ୍ଷରୁ ବୁଧବାର ବ୍ରହ୍ମପୁରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ଶିଶିର କୁମାର ପାଢ଼ୀ ଏହି ସୂଚନା ଦେଇଛନ୍ତି ।

### ୩ ପ୍ରାକ୍ତନ ସଭାପତିଙ୍କୁ ସମ୍ମାନିତ କରାଯିବ

ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୩ ପ୍ରାକ୍ତନ ସଭାପତି ଅନନ୍ତ ଜେନା, ଉମାକାନ୍ତ ମିଶ୍ର ଓ ଗୋଲୋକ ରାୟଙ୍କୁ ସମ୍ମାନିତ କରାଯିବ । ଦିଗପହଣ୍ଡିରେ ଅନୁଷ୍ଠିତ ହେବାକୁ ଥିବା ସଂଘର ୪୭ତମ ବାର୍ଷିକ ସମ୍ମିଳନୀରେ ଏହି କାର୍ଯ୍ୟକ୍ରମ ହେବାର ସଭାପତି ଶିଶିର କୁମାର ପାଢ଼ୀ ସୂଚନା ଦେଇଛନ୍ତି ।

# ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବୃତ୍ତି କୃତୀଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ,୧୯।୧୨**

୨୦୧୮ ଶିକ୍ଷାବର୍ଷର ପ୍ରକାଶିତ ତୃତୀୟ ଓ ପଞ୍ଚମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି । ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳାଫଳରେ ୩ଜଣ ଶିଶୁ ର୍‍ୟାଙ୍କ ରଖିଛନ୍ତି। ସେମାନେ ହେଲେ ୧ମ ସ୍ଥାନରେ ଥିବା ଅର୍ପିତା ଆଚାର୍ଯ୍ୟ, ୩ୟ ସ୍ଥାନରେ ହରପ୍ରିୟା ସାହୁ ଓ ୪ର୍ଥ ସ୍ଥାନରେ ରାମକୃଷ୍ଣ ସାହୁ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେହିପରି ୫ମ ଶ୍ରେଣୀ ଫଳା ଫଳରେ ବିଦ୍ୟାଳୟର ୪ଜଣ ଶିଶୁ ର୍‍ୟାଙ୍କ ରଖିଛନ୍ତି। ସେମାନେ ହେଲେ ପ୍ରଥମ ସ୍ଥାନରେ ସାଇସ୍ମିତା ଡାକୁଆ, ୨ୟ ସ୍ଥାନରେ ଅଲିଶା ଶତପଥୀ, ୭ମ ସ୍ଥାନରେ ଶୁଭସ୍ମିତା ପ୍ରଧାନ ଓ ୧୧ଶ ସ୍ଥାନରେ ପ୍ରାଞ୍ଜଳୀ ପ୍ରଧାନ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇ ବିଦ୍ୟାଳୟର ପୂର୍ବ ଗୌରବକୁ ବଜାୟ ରଖିଛନ୍ତି । କ୍ରମାନ୍ୱୟରେ ବିଗତ ତ୍ରିଦଶନ୍ଧି ଧରି ଏହି ସଫଳତା ପାଇଁ ଆଚାର୍ଯ୍ୟାଆଚାର୍ଯ୍ୟଙ୍କ ତ୍ୟାଗ, ସାଧନା ଓ ସମର୍ପଣଭାବ, ପରିଚାଳନା ସମିତିର ପ୍ରୋତ୍ସାହନ, ଅଭିଭାବକମାନଙ୍କର ଅକୁଣ୍ଠ ସହଯୋଗ, ଶିଶୁଙ୍କର କଠୋର ପରିଶ୍ରମ ସର୍ବୋପରି ପ୍ରଭୁ ନୀଳକଣ୍ଠେଶ୍ୱରଙ୍କର ଆଶୀର୍ବାଦ ରହିଛି ବୋଲି ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି କହିଛନ୍ତି ।
ଛାତ୍ରୀଛାତ୍ରମାନଙ୍କ ଏହି ବ୍ଲକସ୍ତରୀୟ ସଫଳତା ପାଇଁ ପରିଚାଳନା ସମିତି ସଭାପତି ଶ୍ରୀକାନ୍ତ ମହାପାତ୍ର, ଉପ ସଭାପତି ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ମମତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ସଦସ୍ୟ ନୀଳକଣ୍ଠ ସାହୁ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟା ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ସୁଦର୍ଶନ ପାଢ଼ୀ, ହରିକୃଷ୍ଣ ପାଢ଼ୀ. ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବି.ଗଜପତି ରାଓ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଏସ୍. ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଉମାଧବ ମହାନ୍ତି, ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ତଥା ସମସ୍ତ ଅଭିଭାବକଙ୍କ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।



ବିଦ୍ୟାଳୟ କର୍ମକର୍ତ୍ତାଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ ।

# କ୍ଷେତ୍ର ପ୍ରଚାର ବିଭାଗ ସହରାଞ୍ଚଳ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ,୧୯।୧୨**

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କ୍ଷେତ୍ରପ୍ରଚାର କାର୍ଯ୍ୟାଳୟ ବ୍ରହ୍ମପୁର ଶାଖା ପକ୍ଷରୁ ବ୍ରହ୍ମପୁର ଗୋଷାଣୀନୂଆଗାଁ ଉତ୍ତରେଶ୍ୱର ନଗର ବସ୍ତିଅଞ୍ଚଳରେ ସ୍ୱଚ୍ଛ ଭାରତ ସହରାଞ୍ଚଳ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଶୋଭାଯାତ୍ରା ବାହାରି ଗୋଷାଣୀନୂଆଗାଁର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା । ଶୋଭାଯାତ୍ରା ମାଧ୍ୟମରେ ସ୍ୱଚ୍ଛ ଭାରତ ଅଭିଯାନ ତଥା ବାହ୍ୟ ମଳତ୍ୟାଗ ଉପରେ ଅଞ୍ଚଳବାସୀଙ୍କୁ ସଚେତନ କରାଯାଇଥିଲା । ଏହାପରେ ସାହି ମଧ୍ୟରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା । କ୍ଷେତ୍ରପ୍ରଚାର ଅଧିକାରୀ ମନମୋହନ ପାଢ଼ୀ ଏଥିରେ ଅଧ୍ୟକ୍ଷତା କରି ସ୍ୱଚ୍ଛତାର ମହତ୍ତ୍ୱ ଓ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏଥିରେ ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଡ. ଅଶୋକ କୁମାର ମିଶ୍ର ବିଶେଷଜ୍ଞ ଭାବେ ଯୋଗଦେଇ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ କିପରି ଅଙ୍ଗାଙ୍ଗୀ ଭାବେ ଜଡିତ ସେ ଉପରେ



ଅତିଥିଙ୍କ ସହ ପୁରସ୍କୃତ କୃତୀ ପ୍ରତିଯୋଗୀ ।

ଆଲୋଚନା କରିଥିଲେ । ସହରକୁ ସ୍ୱଚ୍ଛ ତଥା ବାହ୍ୟମଳମୁକ୍ତ ଅଞ୍ଚଳରେ ପରିଣତ କରିବା ନେଇ ବ୍ରହ୍ମପୁର ମହାନଗର ନିଗମ ତଥା ସରକାରଙ୍କ ପକ୍ଷରୁ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଏହାକୁ ସଫଳ କରିବାରେ ପ୍ରତ୍ୟେକ ଅଞ୍ଚଳବାସୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ । ଏପିଡୋମୋଲୋଜିଷ୍ଟ ସାବିତ୍ରୀ ରାଉତ ଅନ୍ୟତମ ବିଶେଷଜ୍ଞ ଭାବେ ଯୋଗଦେଇ ଅସ୍ୱଚ୍ଛତା, ଅସ୍ୱାସ୍ଥ୍ୟକର ପରିବେଶ ଓ ବାହ୍ୟ ମଳତ୍ୟାଗ ଦ୍ୱାରା ମନୁଷ୍ୟ ତଥା ସମାଜ ଉପରେ ପଡୁଥିବା ପ୍ରଭାବ ଉପରେ ବୁଝାଇଥିଲେ। ଜାଗୃତି କଲେଜ ଗଣ ଯୋଗାଯୋଗ ବିଭାଗର ଅଧ୍ୟକ୍ଷ ସନତ କୁମାର ପଣ୍ଡା ଅନ୍ୟତମ ବକ୍ତାଭାବେ ଯୋଗଦେଇ ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛତା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। ପରିବେଶ ସ୍ୱଚ୍ଛ ରଖିବା ପ୍ରତ୍ୟେକଙ୍କ ଦାୟିତ୍ୱ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତରେଶ୍ୱର ନଗର ୱେଲଫର କମିଟି ସଭାପତି କାଶୀନାଥ ନାୟକ, କେସି ହାଇସ୍କୁଲ ପ୍ରଧାନଶିକ୍ଷକ ଏ.ଶିବକୁମାର ବର୍ମା, ପ୍ରସାରଭାରତୀର ଜ୍ୟୋତିରଞ୍ଜନ ଦାଶ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ନିଜ ପରିବେଶ ସ୍ୱଚ୍ଛ ଓ ବାହ୍ୟ ମଳତ୍ୟାଗ ନେଇ ଅଞ୍ଚଳବାସୀଙ୍କୁ ଶପଥପାଠ କରାଯାଇଥିଲା । ପୂର୍ବରୁ ଅନୁଷ୍ଠିତ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଭକ୍ତ ପ୍ରହ୍ଲାଦ ଗୀତିନାଟ୍ୟ ମାଧ୍ୟମରେ ସ୍ୱଚ୍ଛତା ଉପରେ ସଚେତନତା ବାର୍ତ୍ତା ଦିଆଯାଇଥିଲା । ବିଭାଗ ପକ୍ଷରୁ ସଚେତନତା ସୃଷ୍ଟି ନେଇ ଉତ୍ତରେଶ୍ୱର ନଗର ୱେଲଫେୟାର କମିଟିକୁ ସବୁଜ ଓ ନୀଳ ରଙ୍ଗର ଡଷ୍ଟବିନ ପ୍ରଦାନ କରାଯାଇଥିଲା। କ୍ଷେତ୍ରପ୍ରଚାର କାର୍ଯ୍ୟାଳୟର ଭି.ଏସ୍. ଫନୀକୁମାର, ପ୍ରମୋଦ ସାବତଙ୍କ ସମେତ କେସି ହାଇସ୍କୁଲର ଛାତ୍ରୀଛାତ୍ର, ବସ୍ତିବାସିନ୍ଦା ଉପସ୍ଥିତ ରହି ସହଯୋଗ କରିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଗୁରୁବାର, ଡିସେମ୍ବର ୨୦/୨୦୧୮ Berhampur, Thursday, December 20/ 2018

### ଲିଫ୍ଟ ଦେଇଥିବା ବ୍ୟକ୍ତିଙ୍କ ବାଇକ୍ ଧରି ଚମ୍ପଟ ଘଟଣା

# ଅଭିଯୁକ୍ତଙ୍କୁ ୬ ମାସ ଜେଲ

ଫୁଲବାଣୀ ଅଫିସ, ୧୯।୧୨

ଲିଫ୍ଟ ଦେଇଥିବା ଜଣେ ବ୍ୟକ୍ତିଙ୍କ ବାଇକ୍‌କୁ ନେଇ ଚମ୍ପଟ ମାରିବା ଘଟଣାର ବିଚାର କରି ବୁଧବାର ଫୁଲବାଣୀ ଏସ୍‌ଡିଜେଏମ୍ ପୁଣ୍ୟଶ୍ଳୋକ ରଥ ଅଭିଯୁକ୍ତଙ୍କୁ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫୦୦ ଟଙ୍କା ଜରିମାନା ପକାଯାଇଛି। ଜରିମାନା ଅନାଦେୟ ଅଧିକ ୧ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ଗୋଚ୍ଛାପଡା ଥାନା ଅଞ୍ଚଳର ସୁନୀଲ ସାହାଣୀ। ସେନାପତି କହଁର ନିଜ ବାଇକରେ ସ୍ରାକିରୁ କଟ୍ରିଙ୍ଗିଆ ଯାଉଥିଲେ। ସୁନୀଲ ତାଙ୍କୁ ଅଟକାଇ ଲିଫ୍ଟ ମାଗିଥିଲେ। ସେନାପତିଙ୍କ ହାତରେ କିଛି ଅଘାତ ଲାଗିଥିବାରୁ ସୁନୀଲ ବାଇକ୍ ଚଳାଇଥିଲେ। କଟ୍ରିଙ୍ଗିଆ ବଜାରରେ ସେନାପତି ଘର ପାଇଁ ସଉଦା କିଣିବା ପାଇଁ ବାଇକ୍‌ରୁ ଓହ୍ଲାଇଥିଲେ। ଏହି ସମୟରେ ସୁନିଲ ଗାଡି ନେଇ ଚମ୍ପଟ ମାରିଥିଲେ। ଗାଡି ନ ପାଇବାରୁ ସେନାପତି ଗୋଚ୍ଛାପଡା ଥାନାରେ ମେ ୧୯ ତାରିଖରେ ଏତଲା ଦେଇଥିଲେ। ଏହି ବାଇକ୍ ସୁନିଲ ଚଲାଉଥିବା ଦେଖି ଗ୍ରାମ ଲୋକେ ସେନାପତିଙ୍କୁ ଖବର ଦେଇଥିଲେ। ପୋଲିସ ଉକ୍ତ ବାଇକର କାଗଜପତ୍ର ମାଗିବାରୁ ସୁନିଲ ଦେଖାଇ ପାରି ନ ଥିଲେ। ତେଣୁ ତାଙ୍କୁ ଗିରଫ କରିଥିଲା ପୋଲିସ। ବିଚାରପତି ୯ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ଏପିପି ଗୌରୀଶଙ୍କର ବେହେରା ଓ କ୍ୟାଡର ଏପିପି ଦୀପକ କୁମାର ନାୟକ ମାମଲା ପରିଚାଳନା କରୁଥିଲେ।

# ସମାଜ ମଙ୍ଗଳ ବୋର୍ଡ ଅଧକ୍ଷାଙ୍କ କର୍ମୀ ସମ୍ମିଳନୀ

ଧରାକୋଟ,୧୯।୧୨(ଡି.ଏନ୍.ଏ.)



ଆସିକା ଅନ୍ତର୍ଗତ ଶକ୍ତିପୀଠ କରଞ୍ଜେଇରେ ବୁଧବାର ସମାଜ ମଙ୍ଗଳ ବୋର୍ଡ ଅଧକ୍ଷା ଲତିକା ପ୍ରଧାନଙ୍କ ସଭାପତିତ୍ୱରେ ଧରାକୋଟ ବ୍ଲକର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ନିର୍ବାଚନ ପାଇଁ ସାନଖେମୁଣ୍ଡି ବିଧାନସଭା ଟିକେଟ ହାସଲ ନେଇ କର୍ମୀମାନଙ୍କ ମତାମତ ଗ୍ରହଣ କରାଯାଇଥିଲା। ଅଞ୍ଚଳର ବରିଷ୍ଠ କର୍ମୀ, ପୂର୍ବତନ ଜିଲା ପରିଷଦ ସଭ୍ୟ, ପୂର୍ବତନ ସରପଞ୍ଚଙ୍କ ସମେତ ବହୁ କର୍ମୀ ଲତିକା ବିଜେଡିର ବିଧାୟିକା ପ୍ରାର୍ଥୀ ହୁଅନ୍ତୁ ବୋଲି କହିଥିଲେ। ଆଗାମୀ ଦିନରେ ଦଳୀୟ କର୍ମୀଙ୍କୁ ନେଇ ଧରାକୋଟରେ ବିଶାଳ ସମାବେଶ କରିବାକୁ ନିଷ୍ପତ୍ତି ହୋଇଥିଲା। ଏନେଇ ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଅବଗତ କରାଯିବା ସହ ଲତିକାଙ୍କୁ ଟିକେଟ ଦେବାକୁ ଜୋରଦାର ଦାବି କରାଯିବ ବୋଲି ବରିଷ୍ଠ କର୍ମୀମାନେ କହିଥିଲେ।

# ଅଗ୍ନିକାଣ୍ଡରେ ଜେଜେ ମା',ନାତି ଗୁରୁତର

ଦିଗପହଣ୍ଡି,୧୯।୧୨(ଡି.ଏନ.ଏ.)

ଦିଗପହଣ୍ଡି ଥାନା ଚୁଡୁଙ୍ଗପୁର ଗାଁରେ ବୁଧବାର ସନ୍ଧ୍ୟାରେ ବିଦ୍ୟୁତ୍ ଶର୍ଟ ଶର୍କିଟରୁ ଅଗ୍ନିକାଣ୍ଡ ଘଟି ଜେଜେ ମା'ଙ୍କ ସମେତ ୫ ବର୍ଷର ନାତି ଗୁରୁତର ହୋଇଛନ୍ତି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଆହତ ଦ୍ୱୟଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅଗ୍ନିକାଣ୍ଡରେ କୁନା ସାହୁଙ୍କ ଘରେ ଭଡ଼ାରେ ରହୁଥିବା କବିସୂର୍ଯ୍ୟନଗର ଥାନା ଆଠଗଡ଼ପାଟଣା ଗ୍ରାମର କୁମୁଦିନୀ ମହାରଣା ଓ ନାତି ରୁଦ୍ର ଆହତ ହୋଇଛନ୍ତି।

# ଭାଜପାରେ ମିଶିଲେ ସିପିଆଇ ନେତା

ଛତ୍ରପୁର,୧୯।୧୨(ଡି.ଏନ.ଏ)

ଛତ୍ରପୁର ବ୍ଲକ ବଉଳଗାଁ ପଞ୍ଚାୟତର ବରିଷ୍ଠ ସିପିଆଇ ନେତା ତଥା ଛତ୍ରପୁର ଜୋନର କାଉନସିଲ ସଭ୍ୟ ଶରତ କୁମାର ପାଢୀ ଦଳ ଛାଡି ତାଙ୍କ ସମର୍ଥକଙ୍କ ସହ ଭାଜପାରେ ମିଶିଛନ୍ତି। ଏଥିପାଇଁ ଗଞ୍ଜାମ ବ୍ଲକ ହୁମ୍ମା ପାଦୁକାଇ ମନ୍ଦିର ପରିସରରେ ବୁଧବାର ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ହୋଇଥିଲା। ରାଜ୍ୟ ଭାଜପା ନେତା ଭୃଗୁ ବକ୍ସିପାତ୍ର,ବିଭୂତି ଜେନା, ଗଞ୍ଜାମ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି, ଧରଣୀଧର ବେହେରା, ଗଞ୍ଜାମ ବ୍ଲକ ଅଧକ୍ଷ ପ୍ରଶାନ୍ତ ନାୟକ, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ସେଠୀ ଓ ବିଜୟ କୁମାର ପରିଡା, ସୁରେଶ ଚନ୍ଦ୍ର ମିଶ୍ର, ପଦ୍ମ ଚରଣ ପରିଡା, ବିଜୟ କୁମାର ମୁଦୁଲି, ସପନ ନାହକ, ବିନାୟକ ବେହେରାଙ୍କ ଉପସ୍ଥିତିରେ ଶରତ ଭାଜପାରେ ଯୋଗଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ସେ ଏହି ନିଷ୍ପତ୍ତି ନେଇଥିବା ବୁଧବାର ଛତ୍ରପୁରଠାରେ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।




# ବନ୍ଧୁକ ଦେଖାଇ ଲୁଟ, ତଦନ୍ତ ଆରମ୍ଭ

ଦାରିଙ୍ଗବାଡ଼ି,୧୯।୧୨(ଡି.ଏନ.ଏ)– ଦାରିଙ୍ଗବାଡ଼ି ବ୍ଲକ ଅଲାରୀ ଅଞ୍ଚଳରେ ମଙ୍ଗଳବାର ନୟାଗଡ଼ ଜିଲା ଓଡ଼ଗାଁ ଥାନା ନନ୍ଦିଘୋର ଗ୍ରାମର ଦିଲୀପ କୁମାର ସାହୁଙ୍କଠାରୁ ଲୁଟ ହୋଇଛି। ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ୧୩ ହଜାର ଟଙ୍କା ଓ ଏକ ଟାବଲେଟ ଛଡ଼ାଇ ନେଇଥିବା ଦିଲୀପ ଅଭିଯୋଗ କରିଛନ୍ତି। ଏ ନେଇ ଦାରିଙ୍ଗବାଡି ଥାନାରେ ମାମଲା (ନଂ.୧୬୦/୧୮) ରୁଜୁ କରାଯାଇ ତଦନ୍ତ ଚାଲିଥିବା ସବଇନ୍ସପେକ୍ଟର ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି। ପ୍ରକାଶ ଯେ, ଦିଲୀପ ଏକ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଠାରୁ ସେ ଋଣ ଟଙ୍କା ଆଦାୟ କରି ବାଇକ୍‌ରେ ଯାଉଥିବା ବେଳେ ଅଲାରୀ ନିକଟରେ ମୁଖା ପିନ୍ଧିଥିବା ୨ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଲୁଟପାଟ କରିଥିଲେ।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ